## ତହସିଲ କାର୍ଯ୍ୟାଳୟ,ବେଲପଡା , ଜିଲ୍ଲା.ବଲାଙ୍ଗିର

ସଂଖ୍ୟା: ୯୦୪// ତା: ୦୩-୦୬-୨୦୨୦

ପ୍ରାପ୍ତେଷୁ ,

ଜିଲ୍ଲାପାଳ , ବଲାଙ୍ଗିର

ବିଷୟ : ବେଲପଡା ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ଲିଜ ଆବେଦନ Drop Box ଖୋଲାଯିବା ସମ୍ବନ୍ଧେ ।

ସୂଚନା : ତହସିଲଦାର ବେଲପଡା ଙ୍କ **ବିଜ୍ଞାପନ ସଂଖ୍ୟା-୮୭୦//ତା:୧୬.୦୫.୨୦୨୦**

ମହାଶୟ ,

ଉପରୋକ୍ତ ବିଷୟ ଏବଂ ସୂଚନା ପ୍ରତି ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ସଦୟ ଅବଗତି ନିମନ୍ତେ ଜଣାଇବାକୁ ଚାହେଁ ଯେ ଆସନ୍ତା ତା ୦୬/୦୬/୨୦୧୬ ପୂର୍ବାହ୍ନ ଘ: ୦୯.୦୦ ସମୟରେ **ବେଲପଡା ତହସିଲ** ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ଲିଜ ଆବେଦନ Drop Box ଖୋଲାଯିବା ର ଥିଲା । କିନ୍ତୁ ଓଡିଶା ସରକାରଙ୍କ COVID-19 ନିୟମମୁତାବକ ତା:୦୬/୦୬/୨୦୨୦ (ଶନିବାର) ଦିନ ବଲାଙ୍ଗିର ଜିଲ୍ଲା ର ସମସ୍ତ ସରକାରୀ କାର୍ଯ୍ୟାଳୟ shutdown ଘୋଷଣାଯୋଗୁଁ Drop Box ଖୋଲାଯାଇ ତନଖି କରାଯିବାରର ଅବଧି ତା:୦୮/୦୬/୨୦୨୦(ସୋମବାର) ପୂର୍ବାହ୍ନ ଘ.୦୯.00 କୁ ଘୁଞ୍ଚାଇଦିଆଗଲା ଏବଂ ଏହାକୁ ନୋଟିସ ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ।

ସଂଲଗ୍ନ:- ନୋଟିସ

ଆପଣଙ୍କ ବିଶ୍ୱସ୍ତ ,

୦୩/୦୬/୨୦୨୦

ତହସିଲଦାର, ବେଲପଡା
Tahasildar
Belpara

**ଜ୍ଞାପକ ସଂଖ୍ୟା.** ୯୦୫ **ତାରିଖ** ୦୩-୦୬-୨୦୨୦

ଏହାର ଏକକିତା ନକଲ ଏବଂ ନୋଟିସ ଉପଜିଲ୍ଲାପାଳ,ପାଟଣାଗଡ /ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବେଲପଡା ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଏବଂ ନୋଟିସ ତହସିଲ କାର୍ଯାଳୟ,ବେଲପଡା ଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

୦୩/୦୬/୨୦୨୦

ତହସିଲଦାର, ବେଲପଡା
Tahasildar
Belpara

**ଜ୍ଞାପକ ସଂଖ୍ୟା.** ୯୦୬ **ତାରିଖ** ୦୩-୦୬-୨୦୨୦

ଏହାର ଏକକିତା ନକଲ ଏବଂ ନୋଟିସ **District Informatics Officer, NIC, Balangir** ଙ୍କୁ **http://www.balangir.nic.in** ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

।

୦୩/୦୬/୨୦୨୦

ତହସିଲଦାର, ବେଲପଡା
Tahasildar
Belpara

Scanned by CamScanner

## ତହସିଲ କାର୍ଯ୍ୟାଳୟ,ବେଲପଡା , ଜିଲ୍ଲା.ବଲାଙ୍ଗିର

### ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବେଲପଡା ତହସିଲ ଅନ୍ତର୍ଗତ ସୈରାତ ଉତ୍ସ ଗୁଡିକର ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ବିଜ୍ଞାପନ ସଂଖ୍ୟା-୮୭୦//ତା:୧୬.୦୫.୨୦୨୦ ଅନୁଯାଇ ତା:୨୦/୦୫/୨୦୨୦ ରିଖ ଠାରୁ ତା:୦୫/୦୬/୨୦୨୦ ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯାଇଅଛି । ତା:୦୬/୦୬/୨୦୨୦ ପୂର୍ବାହ୍ନ ଘ.0୯.00 ସମୟରେ **Drop Box** ର ଦରଖାସ୍ତ ଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଖୋଲାଯାଇ ତନଖି କରାଯିବାର ଥିଲା । କିନ୍ତୁ ଓଡିଶା ସରକାରଙ୍କ COVID-19 ନିୟମମୁତାବକ ତା:୦୬/୦୬/୨୦୨୦ (ଶନିବାର) ଦିନ ବଲାଙ୍ଗିର ଜିଲ୍ଲା ର ସମସ୍ତ ସରକାରୀ କାର୍ଯ୍ୟାଳୟ shutdown ଘୋଷଣାଯୋଗୁଁ **Drop Box** ଖୋଲାଯାଇ ତନଖି କରାଯିବାର ଅବଧି ତା:୦୮/୦୬/୨୦୨୦(ସୋମବାର) ପୂର୍ବାହ୍ନ ଘ.0୯.00 କୁ ଘୁଞ୍ଚାଇଦିଆଗଲା ।

/6/2020

ତହସିଲଦାର, ବେଲପଡା

Tahasildar
Belpara

Scanned by CamScanner

# ତହସିଲ କାର୍ଯ୍ୟାଳୟ,ବେଲପଡା . ଜିଲ୍ଲା.ବଲାଙ୍ଗିର,

ବିଜ୍ଞାପନ ସଂଖ୍ୟା. ୮୨୦ // ତା. ୧୬/୦୫/୨୦୨୦

## ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ

## ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୧୬ ଅନୁଯାୟୀ)

ତହସିଲ ଅନ୍ତର୍ଗତ ନିମ୍ନ ତଫସିଲ ଭୁକ୍ତ ସୈରାତ ଉତ୍ସ ଗୁଡିକର ବର୍ଷ ୨୦୨୦-୨୧ ଠାରୁ ଅନୁନ୍ୟ ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୁତ୍ରେ ନେବାପାଇଁ ଇଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । ଇଛୁକ ବ୍ୟକ୍ତି, ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବେଲପଡା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୧୬ ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ **(Form-M)** ପୁରଣ କରି ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ନିମ୍ନ ସାକ୍ଷରକାରୀଙ୍କ କାର୍ଯାଳୟରେ ଥିବା **Drop Box** ରେ ଆସନ୍ତା ତା: ୨୦/୦୫/୨୦୨୦ ରିଖ ଠାରୁ ତା:୦୫/୦୬/୨୦୨୦ ରିଖ ସମୟ ୧.୩୦ ଘଟିକା ସୁଦ୍ଧା ଜଉମୁଦ ଲଫାପା **(Sealed Cover)**ରେ ସୈରାତ ଉତ୍ସର ନାମ ଲଫାପା ଉପରେ ଉଲ୍ଲେଖିତକରି ପକାଇପାରିବେ । (ଛୁଟି ଦିନ ବ୍ୟତିତ) ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଦରଖାସ୍ତ ଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତାରିଖ ୦୬/୦୬/୨୦୨୦ ପୂର୍ବାହ୍ନ ଘ.୦୯.00 ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଖୋଲାଯାଇ ତନଖି କରାଯିବ । ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲିଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇଥିଲେ, ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଏହି ବିଜ୍ଞାପନ ସଂମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା **Website- http://balangir.nic.in** ରେ ଉପଲବ୍ଧ ଅଟେ । ଯଦି ଉକ୍ତ ଦିବସରେ କୌଣସି କାରଣରୁ ନିଲାମ କାର୍ଯ୍ୟ ଶେଷ ନହୋଇ ପାରେ ତାହେଲେ ପରବର୍ତ୍ତି ତା:୧୨/୦୬/୨୦୨୦ ଓ ତା:୧୯/୦୬/୨୦୨୦ ରିଖରେ ପର୍ଯ୍ୟାୟକ୍ରମେ ଆବେଦନ ଫର୍ମ ପୂରଣ କରିପାରିବେ ଓ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଅବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

### ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍

୧ ଦରଖାସ୍ତକାରୀ ତିନିକିତା ଦରଖାସ୍ତ FORM-M ଦାଖଲ କରିବେ ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ

*("0853-Non-ferrous mining &Metllurgical 102-mineral Concession fees ,rents & royalties- 0217- receipts under Odisha minor Minerals concession fees (new)-02021-collection of fees, rents &royalties (new)"*

୩. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର, *ବେଲପଡା* ଙ୍କ ନାମରେ (Payable at Belpara ) ପ୍ରଦାନ କରିବେ । [ EMD i.e. 5% of { Minimum Guaranteed Quantity x (Royalty + Additional Charges)}]

୪. କୌଣସି ମାଇନିଙ୍ଗ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୫. ବ୍ୟାଙ୍କ ଗ୍ୟାରେଂଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୁଲ୍ୟ { Minimum Guaranteed Quantity x (Royalty + Additional Charges)}] ଠାରୁ ଅଧିକ ହୋଇଥିବ ।

୬. Income Tax Clearance କିମ୍ବା ଗତ Assessment year ର IT return ର ନକଲ ଯଦି ଥାଏ ପ୍ରଦାନ କରିବେ ।(ସର୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କweb site :www. Balangir.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ ।)

ତହସିଲଦାର

ବେଲପଡା

## ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓ OMMC Rule-2016 ପରିସର ଭୁକ୍ତ ରହିବେ।

୨. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟ ର (Additional Charges) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମ ଧାରି ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ସର୍ବୋଚ୍ଚ ରୟାଲଟି ଓ (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ (Additional Charges) ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୫. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ
ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ
କରିବେ

୬. ଲିଜରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮.ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ୍ ପ୍ଲାନ (Mining Plan ) ତିଆରି କରି ଦାଖଲ କରିବେ ନଚେତ୍ ଲିଜ୍ ବାତିଲ୍ କରାଯିବ ।

୯. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ଦର୍ଶାଯାଇଥିବା ରୟାଲିଟି ଓ (Additional Charges) ରାଶି କୁ ଗୁଣନକଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି (Mining Plan) ଓ Environmental Clearance ଆଣି ସାରିଲା ପରେ ପୈଠକରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ଓଡିଶା ଖଣି ଆକ୍ଟ ୧୯୦୮ ଓ ପ୍ଲାନ୍ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Lease Deed)ସଂପାଦନ କରିବେ ।

୧୦. ଲିଜ ଧାରୀ ଲିଜ୍ ବାବଦ କୁ ରୟାଲ୍ଟି ଦେୟର ଶତକଡା ୫ ଭାଗ Environmental Management Fund ତହସିଲଦାର୍ ଙ୍କ ପାଖରେ ଦାଖଲ କରିବେ ।

୧୧. ଲିଜଧାରୀ ରୋୟଲଟି ଓ (Additional Charges) ଦେୟ ର ୧୦% District Mineral Fund ବାବଦକୁ ତହସିଲଦାର ଙ୍କ ପାଖରେ ଦାଖଲ କରିବେ।

୧୨. ପରିବେଶ ସମ୍ବନ୍ଧୀୟ ଅନୁମତି (Environmental Clearance) ଲିଜଧାରୀ ନିଜ ଦାୟିତ୍ଵରେ ହାସଲ କରିବେ ।

୧୩. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୪.ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ concrete pillar ଦ୍ଵାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରିସେଥିରେ ସୈରାତ ଉତ୍ସର ନକ୍ସା ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

୧୫. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୬. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୭. ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ରହିଛି ।

୧୮. ଜମା ରୟାଲଟିର ୨% ଲିଜଧାରୀ ଆୟକର (T.D.S.) ବାବଦକୁ ଚାଲାଣ ଆକାରରେ ଜମାକରିବେ ।

ତହସିଲଦାର
ବେଲପଡା

୧୯. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ ।

୨୦. ଲିଜ ଅବଧି ମଧ୍ୟରେ Shedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୧.ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

ତହସିଲଦାର, ବେଲପଡା
(Signature, date and stamp: ତହସିଲଦାର ବେଲପଡା)

ଜ୍ଞାପକ ସଂଖ୍ୟା. ୮୭୧ ତାରିଖ ୧୨/୦୪/୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ଉପଜିଲ୍ଲାପାଳ, ପାଟଣାଗଡ /ଗୋଷ୍ଠି ଉନ୍ନୟନ ଅଧିକାରୀ, ବେଲପଡା /ରାଜସ୍ୱ ନିରୀକ୍ଷକ, ବେଲପଡା /ଧୂମାଭଟା /ସୁଲେକେଲା/କାନୁଟ /ଗମ୍ଭାରୀ /ପର୍ଲିମାଳ ମହଖଣ୍ଡ/ସମ୍ପୃକ୍ତ ଗ୍ରାମ/ଗ୍ରାମ ପଞ୍ଚାୟତ ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବେଲପଡା ଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, ବେଲପଡା
(Signature, date and stamp: ତହସିଲଦାର ବେଲପଡା)

ଜ୍ଞାପକ ସଂଖ୍ୟା. ୮୭୨ ତାରିଖ ୧୨/୦୪/୨୦୨୦

ଏହାର ଏକକିତା ନକଲ District Informatics Officer, NIC, Balangir ଙ୍କୁ http://balangir.nic.in ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବେଲପଡା
(Signature, date and stamp: ତହସିଲଦାର ବେଲପଡା)

# ସୈରାତ ଉତ୍ସ ଗୁଡିକର ତାଲିକା

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | | ସର୍ବନିମ୍ନ ରୟାଲଟି ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦର | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତରାଶି Earnest Money ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| | | | | | ଏକର | ହେକ୍ଟର | | | | |
| ୧ | ପଥରଖୋଦାନ-୧ | ମଣ୍ଡଳ | ୨୨୯ | ୩୪ | ୧୧.୧୨ | ୪.୫୦ | ୧୩୦.୦୦ | ୭.୦୦ | ୧୮୫୦ | ୨୧୩୭୨.୦୦ |
| ୨ | ପଥରଖୋଦାନ-୨ | ମଣ୍ଡଳ | ୨୨୯ | ୨୧୯, ୨୨୮ ,୩୪୮ | ୪.୨୯ | ୧.୭୩୬ | ୧୩୦.୦୦ | ୭.୦୦ | ୨୨୫୦ | ୧୫୩୭୨ .୦୦ |
| ୩ | ପଥରଖୋଦାନ | ଡକରା | ୧୨୬ | ୧୭୪, ୧୮୩ | ୨.୬୮ | ୧.୦୮ | ୧୩୦.୦୦ | ୭.୦୦ | ୧୫୦୦ | ୧୦୨୭୫.୦୦ |
| ୪ | ପଥରଖୋଦାନ | ଆଡମୁଣ୍ଡା | ୫୮ | ୬୬ | ୪.୯୦ | ୧.୯୮୨ | ୧୩୦.୦୦ | ୭.୦୦ | ୨୯୭୦ | ୨୦୩୪୫.୦୦ |
| ୫ | ପଥରଖୋଦାନ | ତରା | ୧୧୯ | ୯୭୯ | ୬.୨୦ | ୨.୫୦ | ୧୩୦.୦୦ | ୭.୦୦ | ୨୦୮୦ | ୧୪୨୪୮.୦୦ |
| ୬ | ପଥରଖୋଦାନ | ମାଲିଝର | ୭୬ | ୬୩୩ | ୬.୬୦ | ୨.୬୭ | ୧୩୦.୦୦ | ୭.୦୦ | ୧୬୫୦ | ୧୧୯୮୮.୦୦ |
| ୭ | ପଥରଖୋଦାନ | ଡୁଙ୍ଗୁରିପାଲି -୧ | ୧୦୪ | ୨୫୬,୧୪୩,୧୪୪,୨୯୮,୩୧୮, ୩୭୮,୩୮୪,୩୮୫,୨୫୬/୧୨୩୯,୨୫୬/୧୨୪୦,୨୫୬/୧୨୮୧,୨୫୬/୧୨୪୨,୩୩୮,୩୫୬, ୩୮୨,୩୩୨, ୩୩୭ | ୭.୪୭ | ୩.୦୨୩ | ୧୩୦.୦୦ | ୭.୦୦ | ୧୭୦୨ | ୧୧୬୫୯.୦୦ |
| ୮ | ପଥରଖୋଦାନ | ବାହାବଲ | ୧୨୦ | ୨୪୫ ,୭୮୪ | ୨.୬୯ | ୧.୦୮ | ୧୩୦.୦୦ | ୭ .୦୦ | ୧୭୦୨ | ୧୨୬୭୩ .୦୦ |
| ୯ | ବାଲିଖୋଦାନ | ମଣ୍ଡଳ | ୨୨୯ | ୧୬୦୨, ୧୬୦୨/୧୬୨୩ | ୧୨.୩୫୫ | ୫.୦୦ | ୩୫.୦୦ | ୨.୦୦ | ୩୫୦୦ | ୬୪୭୫.୦୦ |
| ୧୦ | ବାଲିଖୋଦାନ | ଧୂମାଭଟା | ୨୯୫ | ୨୫୨୦ | ୧୨.୩୫୫ | ୫.୦୦ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦.୦୦ |
| ୧୧ | ବାଲିଖୋଦାନ | ନୁନହାଡ | ୨୦୪ | ୮୧୪ | ୧୨.୩୫୫ | ୫.୦୦ | ୩୫.୦୦ | ୨.୦୦ | ୨୦୦୦ | ୩୭୦୦.୦୦ |

16/5/2020

ତହସିଲଦାର, ବେଲପଡା